# ପାନ ଜର୍ଦ୍ଦା ଗୋଦାମରେ ସ୍ୱତନ୍ତ୍ର ଟିମ୍‌ର ଚଢ଼ଉ



ସାଲେପୁର, ୯ ।୨(ସମିସ): ସାଲେପୁର ପୁଲିସ ସହଯୋଗରେ ଆଜି କଟକ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ, ଅବକାରୀ ବିଭାଗ, ଡ୍ରଗ୍‌ସ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ସାଲେପୁର ଅଞ୍ଚଳରେ ଥିବା ପାନମସଲା ମହଜୁଦ ରଖୁଥିବା ଗୋଦାମ ଓ ଦୋକାନ ଉପରେ ଚଢ଼ଉ କରାଯାଇଛି । ଏହି ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ସାଲେପୁରର ବିଭିନ୍ନ ସ୍ଥାନରେ ଥିବା ପାନମସଲା ଗୋଦାମ, ଛୋଟ ଛୋଟ ପାନ ଦୋକାନ ଉପରେ ଚଢ଼ଉ କରାଯାଇ ସେମାନେ ରଖୁଥିବା ପାନମସଲା ଓ ବିଭିନ୍ନ କିସମର ଜର୍ଦ୍ଦାର ନମୁନାକୁ ସଂଗ୍ରହ କରି ପରୀକ୍ଷା ନିମନ୍ତେ ଲ୍ୟାବ୍‌କୁ ପଠାଇବା ସହ ପାନମସଲା ବିଶେଷ କରି ନିକୋଟିନ୍ ଯୁକ୍ତ ପାନ ଜର୍ଦ୍ଦା ବିକ୍ରୟ ନ କରିବା ପାଇଁ ସଚେତନ କରାଇଥିଲେ । ଯଦି କୌଣସି ବ୍ୟବସାୟୀ ନିକୋଟିନ୍ ମିଶା ପାନଜର୍ଦ୍ଦା ବିକ୍ରି କରନ୍ତି, ସେମାନଙ୍କ ଉପରେ ଆଗାମୀ ଦିନରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚେତନ କରାଯାଇଛି । ଆଜି ମିଳିତ ଭାବେ ଏହି ସ୍କ୍ୱାର୍ଡ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିବାରୁ ଏହି ମସଲା ବିକ୍ରୟ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଆଜିର ଏହି ଚଢ଼ଉରେ ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନରସିଂହପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ନରସିଂହପୁର, ୯।୨(ସମିସ): ସ୍ଥାନୀୟ ନରସିଂହପୁର ମହାବିଦ୍ୟାଳୟର ୪୮ ତମ ବାର୍ଷିକ ଉତ୍ସବ ତଥା 'ଆକାଂକ୍ଷା' ନୂତନ ପରିଚୟରେ ସୋମବାର ଉଦଘାଟିତ ହୋଇଛି । ଉକ୍ତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦେବେନ୍ଦ୍ର ନାରାୟଣ ପତ୍ରୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଛାତ୍ର ସଂସଦର ଉପଦେଷ୍ଟା ତଥା ଅଧ୍ୟାପକ ନିହାର ରଞ୍ଜନ ରାଉତ, ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ, ଅଧ୍ୟାପକ ଶିବ ପ୍ରସାଦ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପକ ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ । ଆଜିର ଦିବସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା । ଏଥିସହିତ ମହାବିଦ୍ୟାଳୟ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଆଜିର ଉତ୍ସବକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।




# ଘରୋଇ କୋଚିଂ ସେଣ୍ଟରରୁ ଛାତ୍ରର ମୃତଦେହ ଉଦ୍ଧାର

ସାଲେପୁର, ୯।୨(ସମିସ):

ଏକ ଘରୋଇ ଆବାସିକ କୋଚିଂ ସେଣ୍ଟରରେ ଜଣେ ଛାତ୍ରର ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି । ଏହି ଘଟଣାକୁ ନେଇ ମୃତ ଛାତ୍ରର ପରିବାର ଲୋକେ ସିଧାସଳଖ ଘରୋଇ କୋଚିଂ ସେଣ୍ଟରର କର୍ମକର୍ତ୍ତାମାନେ

## ପୁଅକୁ ହତ୍ୟା ହୋଇଥିବା ନେଇ ପିତାଙ୍କ ଅଭିଯୋଗ

ତାଙ୍କ ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଛନ୍ତି । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ, ସାଲେପୁର ଶିଶୁମନ୍ଦିର ରୋଡ୍‌ରେ ଥିବା ବିଏନ୍‌ବି ଘରୋଇ କୋଚିଂ ସେଣ୍ଟରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଣ୍ଡିଲୋ ଗ୍ରାମର ଓମ୍‌ପ୍ରକାଶ ସେଠୀ କୋଚିଂ ନେଉଥିବାବେଳେ ଆଜି କୋଚିଂ ସେଣ୍ଟରର ଏକ ଗୃହ ମଧ୍ୟରୁ ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ ।



କୋଚିଂ ସେଣ୍ଟରରେ ଅର୍ଥ ପୈଠକୁ କେନ୍ଦ୍ର କରି ବିବାଦ ହୋଇଥିବାରୁ ଏଥିପାଇଁ କୋଚିଂ ସେଣ୍ଟରରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ତାଙ୍କ ପିତା ଚନ୍ଦ୍ରମଣି ସେଠୀ ଅଭିଯୋଗ କରିଛନ୍ତି । ଚନ୍ଦ୍ରମଣୀଙ୍କ ଅଭିଯୋଗ କ୍ରମେ ଅଧିକାଂଶ ସମୟରେ ମୋ ପୁଅ ଓମ୍‌ପ୍ରକାଶକୁ ହଷ୍ଟେଲର କର୍ମଚାରୀମାନେ ନିମ୍ନମାନର ଖାଦ୍ୟ ଦେବା ସହ ଧମକ ଚମକ ଦେଉଥିଲେ । ଆମେ ତା.୨୯ ।୧୧ ।୨୦୨୫ ରିଖରେ ହଷ୍ଟେଲ ଫିସ୍ ୧୦ ହଜାର ଟଙ୍କା ମୋ ସ୍ତ୍ରୀ ମମତା ସେଠୀ ଦେଇଥିଲେ ମଧ୍ୟ ହଷ୍ଟେଲ କର୍ମଚାରୀମାନେ ତୁମେ ଟଙ୍କା ଦେଇନାହଁ ବୋଲି ବାରମ୍ବାର କହିବା ସହ ମୋର ପୁଅକୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଇଆସୁଥିବା ମୋ ପୁଅ ଫୋନ୍ ଯୋଗେ ଜଣାଇବା ସହ ତୁରନ୍ତ ଏହି ହଷ୍ଟେଲରୁ ଅନ୍ୟତ୍ର ନେଇଯାଅ ବୋଲି କହିଥିଲା । ତେଣୁ ହଷ୍ଟେଲ କର୍ମଚାରୀ ଓ ମାଲିକ ମିଶି ମୋର ପୁଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଉଥିବାର ଚନ୍ଦ୍ରମଣି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ସାଲେପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ କରୁଥିବା ଜଣାଯାଇଛି । ଅପରପକ୍ଷରେ ଏ ସଂପର୍କରେ ଆମ ପ୍ରତିନିଧି ଘରୋଇ କୋଚିଂ ସେଣ୍ଟର କଳିଙ୍ଗ ବିଏନ୍‌ବିର ମାଲିକ ବିକ୍ରମ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ସାଲେପୁରରେ ଛତୁ ଫୁଟିଲା ପରି ବେସରକାରୀ କୋଚିଂ ସେଣ୍ଟର ଖୋଲି କେତେକ ବ୍ୟକ୍ତି ଶିକ୍ଷାଦାନକୁ ବ୍ୟବସାୟରେ ପରିଣତ କରିଛନ୍ତି । ଭିତ୍ତିଭୂମି ନ ଥାଇ କେତେକ ସ୍ଥାନରେ ସରକାରଙ୍କ ନିୟମକୁ ଖୁଲମଖୁଲା ଉଲଂଘନ କରି ପ୍ରଥମେ ଛାତ୍ରାଭିଭାବକମାନଙ୍କୁ କୋଚିଂ ସେଣ୍ଟର ମାଲିକ ଓ କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ କୋଚିଂ ସେଣ୍ଟରରେ ଆଣି ରଖିବା ପରେ ଅଧିକାଂଶ କୋଚିଂ ସେଣ୍ଟରର ମାଲିକମାନେ ଅର୍ଥ ପାଇଁ ଛାତ୍ରଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି । ସାଲେପୁର ଅଞ୍ଚଳରେ ପ୍ରାୟ ଏକାଧିକ କୋଚିଂ ସେଣ୍ଟର ବେଆଇନ୍ ଭାବେ ଚାଲୁଥିବାବେଳେ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ।

# ଫେବୃଆରୀ ୧୨ରେ ବଡ଼ମ୍ବା ବନ୍ଦ

ବଡମ୍ବା, ୯।୨(ସମିସ): ଚଳିତ ମାସ ୧୨ ତାରିଖରେ ଦେଶବ୍ୟାପି ଧର୍ମଘଟ ଓ ଭାରତ ବନ୍ଦର ଡାକରା ଦେଇଛନ୍ତି ଦେଶର ଦଶଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ଶ୍ରମିକ, କୃଷକ, କର୍ମଚାରୀ ସଂଗଠନ ଓ ବିଦ୍ୟୁତ ଉପଭୋକ୍ତା ସଂଘ ଓ ଏହି ପରିପ୍ରେକ୍ଷୀରେ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ, ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ଡାକରାରେ ଆସନ୍ତା ଫେବୃଆରୀ ୧୨ ତାରିଖରେ ବଡମ୍ବା ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଛି । ଟାଟା ପାୱାରର ମନମୁଖି ଜୁଲମ ବିରୋଧରେ ବଡମ୍ବା ବନ୍ଦକୁ ସଫଳ କରିବା ପାଇଁ ଏକ ସାଧାରଣ ସଭା ବଡ଼ମ୍ବା ହାଟ ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ଚିନ୍ମାମ୍ବା ମହାନ୍ତିଙ୍କ ପୌରହିତ୍ୟ ଓ ସଂଯୋଜକ ଦାମୋଦର ରଣାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ସଂଯୋଜିକା କର୍ମଜୀବି ମହିଳା ପୁଷ୍ପା ଦାଶ, ସମ୍ମାନିତ ଅତିଥିଭାବେ ବିଦ୍ୟୁତ ଉପଭୋକ୍ତା ମହାସଂଘ କଟକ ଶାଖା ଆବାହକ ବଦ୍ରି ନାରାୟଣ ଦାଶ, ବରିଷ୍ଠ ସମାଜସେବୀ ସୂର୍ଯ୍ୟକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୧୨ ଫେବୃଆରୀରେ ବଡମ୍ବା ବନ୍ଦ




**ବନ୍ଦ ସଫଳ କରିବାକୁ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘର ଆହ୍ୱାନ**

ସଫଳ କରିବା ନିବେଦନ କରିଥିଲେ । ବଡମ୍ବାର ସମସ୍ତ ବଜାର, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ ରଖିବା ନିମନ୍ତେ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି । ବଡମ୍ବା ହାଟ ବଣିକ ସଂଘର ସଭାପତି ତଥା ମହାସଂଘର ଉପସଭାପତି ଶିବ ନାରାୟଣ ମିଶ୍ର, ଦୁର୍ଗା ବଜାର ସମ୍ପାଦକ ସରୋଜ ମିଶ୍ର, ବଡମ୍ବା ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କରଣ, ମହାସଂଘ ବରିଷ୍ଠ ଉପଦେଷ୍ଟା ମନୋଜ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ଉପସଭାପତି ପଞ୍ଚାନନ ମଲ୍ଲିକ, ସଦସ୍ୟ ବୃନ୍ଦାବନ ପରିଡା, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ରାମଚନ୍ଦ୍ର ପାତ୍ର, ପ୍ରଶାନ୍ତ ମହାନ୍ତି, ପ୍ରମୁଖ ଉପସ୍ଥିତ ରହିଥିଲେ । ସରୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

## ■ କଟକ-ପାରାଦୀପ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା

# ଟ୍ରକ୍-ବାଇକ୍ ଧକ୍କାରେ ଯୁବକ ଗୁରୁତର



**ରାସ୍ତାରୋକ କଲେ ଉତ୍ତ୍ୟକ୍ତ ଲୋକେ**

କିଶନନଗର, ୯।୨(ସମିସ): କିଶନନଗର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଗଡ଼ମାଠାରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି । ଏକ ଟ୍ରକ୍ ସହ ମୋଟର ସାଇକେଲ୍‌ର ଧକ୍କା ହେବା ଫଳରେ ଯଶପଡ଼ା ସାମଲ ସାହିର ଜିତୁ ସାମଲ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଗଡ଼ମାଠାରେ ଥିବା ଏକ ହମ୍ପସ୍ ଉପରେ ଏକ ଟ୍ରକ୍ ଧୀରେ ହୋଇଯିବା ଫଳରେ ପଛରେ ଆସୁଥିବା ଜିତୁଙ୍କ ମୋଟର ସାଇକେଲ୍‌ଟି ଟ୍ରକ୍ ପଛରେ ପିଟି ହୋଇଯାଇଥିଲା । ଘଟଣାସ୍ଥଳରେ ଜିତୁ ଗୁରୁତର ଭାବେ ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ । ଦୀର୍ଘ ସମୟ ଧରି କଟକ-ପାରାଦୀପ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ଖବର ପାଇ କିଶନନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ବର୍ତ୍ତମାନ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଛି ।

# ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟକୁ ସଫଳତା

ନରସିଂହପୁର, ୯।୨(ସମିସ): ଖାନ ଏକାଡେମୀ ଦ୍ୱାରା ଗଣିତ ଓ ବିଜ୍ଞାନ ବିଷୟରେ ଆୟୋଜିତ ରାଜ୍ୟସ୍ତରୀୟ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରେ ନରସିଂହପୁର ବ୍ଲକର ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରୀୟ 'କ୍ଷେମ ଏକ୍ସଲେନ୍ସି ରେକଗ୍ନିସନ' କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛି । ଭୁବନେଶ୍ୱର ଡୁମୁଡୁମାଠାରେ ଥିବା ଆଇଟି ସୋଲକମ ହୋଟେଲରେ ଚଳିତ ମାସ ୬ ତାରିଖରେ ପଞ୍ଚସଖା ଶିକ୍ଷା ସେତୁ ଓ ଓସେପାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖାନ ଏକାଡେମୀ ବିଦ୍ୟାଳୟସ୍ତରରେ ପିଲାମାନଙ୍କର ଗଣିତ ଓ ବିଜ୍ଞାନ ବିଷୟକୁ ଅଧିକ ଉନ୍ନତ କରିବା ପାଇଁ ପଞ୍ଚସଖା ଶିକ୍ଷା ସେତୁର ମିଳିତ ସହଯୋଗରେ ଓଡ଼ିଶାର ପ୍ରତ୍ୟେକ ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନରେ ପରୀକ୍ଷା ଆୟୋଜନ କରି ଆସୁଛି । ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଓ ବିଜ୍ଞାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଓ ଛାତ୍ରଛାତ୍ରୀଙ୍କ ନିଷ୍ଠା ବଳରେ ଏହି ସଫଳତା ମିଳିଛି । ଉକ୍ତ ସଭାରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମୃତି ରଞ୍ଜନ, ପଞ୍ଚସଖା ଶିକ୍ଷା ସେତୁର ରାଜଲକ୍ଷ୍ମୀ ଦାଶ ଏବଂ ଖାଁ ଏକାଡେମୀର ଜାତୀୟ ମୁଖ୍ୟ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଶିକ୍ଷକ ବିଜୟ ଦାଶ ଓ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାହୁ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସରକାରୀ ନିୟମ ଉଲ୍ଲଙ୍ଘନ କରି ଶିକ୍ଷକ ନିଲମ୍ବିତ

ନିଶ୍ଚିନ୍ତକୋଇଲି, ୯।୨(ସମିସ): ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ପାଟପୁର ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ତାଙ୍କ ଚାକିରୀରୁ ନିଲମ୍ବିତ ହୋଇଛନ୍ତି । ସମ୍ପୃକ୍ତ ଶିକ୍ଷକ ଜଣକ ସରକାରୀ କର୍ମଚାରୀଙ୍କ ପାଇଁ ଜାରି ହୋଇଥିବା ବିଭିନ୍ନ ନିୟମକୁ ନ ମାନି କାର୍ଯ୍ୟ କରିଥିବାରୁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ତାଙ୍କୁ ଆଦେଶ ସଂଖ୍ୟା-୨୫୬ ତା.୦୯.୦୨.୨୦୨୬ରେ ଚାକିରୀରୁ ନିଲମ୍ବିତ କରିଛନ୍ତି । ଶିକ୍ଷାଧିକାରୀ ଓଡ଼ିଶା ସର୍ଭିସ ରୁଲ ୧୯୬୨, କ୍ଲଜ୍୧୨(କ-୧)ରେ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ନିଲମ୍ବନ ପରେ ସମ୍ପୃକ୍ତ ଶିକ୍ଷକଙ୍କର କାକୁଡ଼ିଆପଡ଼ା ଉର୍ଦ୍ଦୁ ପ୍ରାଥମିକ ସ୍କୁଲ ହେଡକ୍ୱାର୍ଟର ହୋଇଥିବା ଜଣାଯାଇଛି । ସୋମବାର ଦିନ ସମ୍ପୃକ୍ତ ଶିକ୍ଷକ ଶ୍ରୀ ସାମଲ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଏକ ଅଭିଯୋଗ କରିବା ପାଇଁ ଆସିଥିଲେ । ହେଲେ ହେଡକ୍ୱାଟର ଛାଡ଼ିବା ପୂର୍ବରୁ ନିୟମ ଅନୁସାରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଅନୁମତି ନ ନେଇ କେବଳ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ଏକ ଦରଖାସ୍ତ ଦେଇଥିଲେ । ଯେଉଁ ଦରଖାସ୍ତଟି ଏଚଆରଏମଏସ ପୋର୍ଟାଲରେ ସଂଯୁକ୍ତ ହୋଇ ନ ଥିବାରୁ ଜିଲ୍ଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କୁ କହିଥିଲେ । ଫଳସ୍ୱରୂପ ବିଇଓ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ କରି ଏ ସଂକ୍ରାନ୍ତରେ ରାଜ୍ୟ ଗଣଶିକ୍ଷା ନିର୍ଦ୍ଦେଶକ, କଟକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମ୍ପୃକ୍ତ ଶିକ୍ଷକଙ୍କୁ ଅବଗତ କରାଇଛନ୍ତି ।

# ଭୀମ୍ ଆର୍ମି ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ନରସିଂହପୁର, ୯।୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ୬ଟି ସମସ୍ୟାକୁ ଆଖିଆଗରେ ରଖି ଭୀମ୍ ଆର୍ମି ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପଦର୍ଶନ ସୋମବାର କରାଯାଇଛି । ଭୀମ୍ ଆର୍ମି ପକ୍ଷରୁ ହୋଇଥିବା ଏକ ଶୋଭାଯାତ୍ରା ଜିଲ୍ଲା ସଭାପତି ଚଗଲା ବାଘଙ୍କ ନେତୃତ୍ୱରେ ମନ୍ଦିର ନିକଟରୁ ବାହାରି ବ୍ଲକ ସମ୍ମୁଖରେ ପହଁଞ୍ଚି ସାଧାରଣ ସଭା କରି ପିଏମ ଗୃହ ଯୋଜନାରେ ଅନ୍ତର୍ଭୁକ୍ତି, ଅନ୍ତ୍ୟୋଦୟ ଯୋଜନାରେ ଗରିବଙ୍କୁ ଅନ୍ତର୍ଭୁକ୍ତି, ବସୁନ୍ଧରା ଯୋଜନାରେ ଗରିବଙ୍କୁ ଅନ୍ତର୍ଭୁକ୍ତି, ପାନୀୟଜଳ ସମସ୍ୟାର ସମାଧାନ, ବିଭିନ୍ନ ଭତ୍ତା ସମସ୍ୟାର ସମାଧାନ, ନୂତନ ଡିଲରଙ୍କ ନିଯୁକ୍ତି ଭଳି ଦାବିକୁ ନେଇ ଆଲୋଚନା କରିଥିଲେ । ଏହା ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ଥିବା ଦାବିପତ୍ରକୁ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଲୟାନନ୍ଦ ଶତପଥୀଙ୍କୁ ପ୍ରଦାନ କରିଥିଲେ ।




# ଆଶୁତୋଷ ମେମୋରିଆଲ କ୍ରିକେଟ: ଲାପଟୁଆଁ ଚାମ୍ପିଅନ

ମାହାଙ୍ଗା, ୯।୨(ସମିସ): ମଧୁପୁର ପଞ୍ଚାୟତର ଦୋବନ୍ଧିଆ ଠାରେ ଆଶୁତୋଷ ମେମୋରିଆଲ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ଲାପଟୁଆଁ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ୯୭ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଗୁଣୁପୁର ମୈଦାନକୁ ଓହ୍ଲାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମ୍ୟାଚ ହାରିଯାଇଥିଲା । ଲାପଟୁଆଁ ଚାମ୍ପିଅନ ଟ୍ରଫି ହାସଲ କରିଥିବା ବେଳେ ଗୁଣୁପୁର ରନର୍ସଅପ ହୋଇଥିଲା । ପୁରସ୍କାର ପ୍ରଦାନ ଉତ୍ସବରେ ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଯୁବ ଉଦ୍ୟୋଗପତି ଅରବିନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତି, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଅକ୍ଷୟ ସ୍ୱାଇଁ, ଶିକ୍ଷାବିତ ପ୍ରଭାକର ରାଉତ, କବି ଡମ୍ବରୁଧର ପରିଡା ଯୋଗଦେଇ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ମହେଶ୍ୱର ରାଉତ ଓ ପରେଶ ପଣ୍ଡା ଖେଳ ପରିଚାଳନା କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ସ୍ମୃତିରଞ୍ଜନ ଓ ମ୍ୟାନ ଅଫ ଦି' ସିରିଜ ରାଜାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ରାଧାଗୋବିନ୍ଦ ଯୁବ କ୍ରିକେଟ ଆସୋସିଏସନ ଦୋବନ୍ଧିଆର ମ୍ୟାନେଜର ଅନନ୍ତ କିଶୋର ଜେନା, ଆଶୁତୋଷ ସ୍ମୃତି କମିଟି ଅଧ୍ୟକ୍ଷ ଦୀପକ ବିଶ୍ୱାଳ ସଞ୍ଚାଳନ କରିଥିବା ବେଳେ, ଶୁଭାଶିଷ ବିଶ୍ୱାଳ, ପ୍ରଶାନ୍ତ ଜେନା, ଅଜୟ ସେଠୀ, ଚିକନ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ଚିନ୍ମୟ ମଲ୍ଲିକ, ଉତ୍ତମ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।



## ଦିବାଲୋକରେ ଫସଲ ଖାଉଛି ହାତୀ

ତିଗିରିଆ, ୯।୨(ସମିସ): ତିଗିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତ ଅଧୀନ ଗୋଡିଝରିଆ ଗ୍ରାମର କଲମି ବଗିଚା ନିକଟରେ ଥିବା ଏକ କାକୁଡି ବିଲରେ ସକାଳ ପ୍ରାୟ ୮ଟା ସମୟରେ ଗୋଟିଏ ହାତୀ ପଶି କାକୁଡି ଖାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସ୍ୱଷ୍ଟ ଦିବାଲୋକରେ ହାତୀଟି ଏଭଳି ଜନଗହଳି ଅଞ୍ଚଳରେ ପ୍ରବେଶ କରି ଫସଲ ନଷ୍ଟ କରିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଛି । କିଛିଦିନ ତଳେ ହାତୀ ଭିରୁଡ଼ା ଗ୍ରାମର ବିଭିନ୍ନ ସାହିରେ ପ୍ରବେଶ କରି ବୁଲୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ସ୍ଥାନୀୟ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ହେଉ ନ ଥିବାରୁ ହାତୀ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ପ୍ରବେଶ କରି ଫସଲ ନଷ୍ଟ କରିବା ସହ ଗ୍ରାମରେ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି ।



## ୪ ହାଇୱା ସହ ଟାଟା ଏସିଇ ଜବତ

ଟାଙ୍ଗୀ, ୯।୨(ସମିସ): ସୋମବାର ପୂର୍ବାହ୍ନରେ ଟାଙ୍ଗୀ ପୁଲିସ ସଫା ଅଞ୍ଚଳରେ ଚଢ଼ଉ କରି ବେଆଇନ୍ ବାଲି ବୋଝେଇ ୪ଟି ହାଇୱା ଓ ମଙ୍ଗୁଳି ଅଞ୍ଚଳରୁ କୋଇଲା ବୋଝେଇ ଗୋଟିଏ ଟାଟା ଏସି ଜବତ କରିଛି । ସମସ୍ତ ଗାଡ଼ିର ଚାଳକଙ୍କୁ ପୁଲିସ ଅଟକ ରଖିବା ପରେ ସେମାନଙ୍କୁ ନୋଟିସ୍ ଦେଇ ଛାଡି ଦେଇଥିଲା । ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ବାଲି ଚୋରି ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ତୁରନ୍ତ କଠୋର ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି; ୮୮ ଅଭିଯୋଗ ପଞ୍ଜିକୃତ

ନିଶ୍ଚିନ୍ତକୋଇଲି, ୯।୨(ସମିସ):



କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୋମବାର ଦିନ ନିଶ୍ଚିନ୍ତକୋଇଲି ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କରିଛନ୍ତି । ବ୍ଲକ ସମ୍ମିଳନୀ କକ୍ଷରେ ବିଡ଼ିଓ ଦ୍ୱିବେନ୍ଦୁ ଦାସଙ୍କ ସଂଯୋଜନାରେ ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ୍ ୮୮ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ତତ୍‌କାଳୀନ ୪୭ଟି ଅଭିଯୋଗକୁ ଜିଲ୍ଲାପାଳଙ୍କ ଦ୍ୱାରା ସମାଧାନ କରାଯାଇଥିଲା । ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୭୫ଟି ହୋଇଥିଲା ବେଳେ ସାମୂହିକ ଅଭିଯୋଗ ୧୩ଟି ରହିଥିଲା । ଏହି ଅଭିଯୋଗ ମଧ୍ୟରେ ଜାତୀୟ ପରିବାର ମଙ୍ଗଳ ସହାୟତା ଯୋଜନା ୧ ଗୋଟି, ଭିନ୍ନକ୍ଷମ ଭତ୍ତା ୫ଟି ଓ ଅନ୍ୟାନ୍ୟ ଭତ୍ତା ୯ଟି ହୋଇଥିବା ବେଳେ ରେସନ କାଡର୍ ସଂକ୍ରାନ୍ତ ଅଭିଯୋଗ ଅଧିକ ଥିଲା । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତ୍ ଭାସ୍କର, ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# କୂଅରୁ ହାତୀ ଛୁଆ ଉଦ୍ଧାର



ବଡ଼ମ୍ବା, ୯।୨(ସମିସ): ସୋମବାର ରାତିରେ ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳ ଅଧୀନ ଗୋପପୁର ବଡ଼ କମ୍ପିଲୋ ଗ୍ରାମର ଖଳିସାହି ଠାରେ ଏକ ଛୁଆ ଦନ୍ତା ହାତୀ ଆଖୁ ବିଲ ଭିତରେ ଥିବା ଏକ କୂଅରେ ପଡିଯାଇଥିଲା । ସ୍ଥାନୀୟ ଲୋକମାନେ ଛୁଆ ଦନ୍ତା ହାତୀ କୂଅରେ ପଡିଥିବାର ଦେଖି ବନବିଭାଗକୁ ଖବର ଦେବା ପରେ ବନ ବିଭାଗର ଗୋପପୁର ରେଞ୍ଜ ଫରେଷ୍ଟର ପ୍ରକାଶ ବର୍ମା, ଆଠଗଡ ଡିଏଫଓ ଡ. ଚିଟିଲିଚି ବିଶ୍ୱାଳ, ବଡ଼ମ୍ବା ରେଞ୍ଜର ପ୍ରଭାକର ରାଉତ, ସଦର ବନପାଳ ଶୁଭେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛୁଆ ଦନ୍ତା ହାତୀକୁ ଜେସିବି ଦ୍ୱାରା କୂଅରୁ ଉଦ୍ଧାର କରିଥିଲେ । ପରେ ଛୁଆ ଦନ୍ତା ହାତୀଟି ନିକଟସ୍ଥ ଜଙ୍ଗଲ ଆଡେ ଚାଲିଯାଇଥିବା ବନବିଭାଗ ସୂଚନା ଦେଇଛନ୍ତି ।

## ● ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଦ୍ୱିତୀୟ ଦିନରେ ୟଙ୍ଗ ଉତ୍କଳ କଟକ ବିଜୟୀ



ସାଲେପୁର, ୯ ।୨(ସମିସ): ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ଖେଳପଡିଆରେ ଚାଲୁଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିନ ଖେଳ ୟଙ୍ଗ ଉତ୍କଳ କ୍ଲବ୍ କଟକ ଓ ୟୁନିଭର୍ସାଲ କ୍ଲବ୍ କୁରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ୪-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବ୍ କଟକ ବିଜୟୀ ହୋଇଥିଲା । ଆଜିର ଦ୍ୱିତୀୟ ଦିନ ଖେଳକୁ ଆନୁଷ୍ଠାନିକ ଭାବେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ ଯୋଗଦେଇଥିଲେ । ସାଲେପୁର ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସାମ୍ବାଦିକ ଅକ୍ଷୟ ଦାଶ, ଏକାଡେମୀର ସଭାପତି ପ୍ରଦୀପ୍ତ କର, ସଂପାଦକ ରାଜେଶ ଭୂୟାଁ, ପରବେଶ ଅଲ୍ଲୀ, ରହିମ୍ ବକ୍ସ, ବିଭୂତି ଭୂଷଣ ପାତ୍ର, କୃଷ୍ଣଚନ୍ଦ୍ର ଦାଶ, ଭାସ୍କର ସେଠୀ, ମଦନମୋହନ ଜେନା, ଅଶୋକ ସେଠୀ, ଅଶୋକ ଦାସ, ରୂପେଶ ରାଓ, ଅଭିଜିତ୍ ମଲ୍ଲିକ, ରାଧାନାଥ ନାୟକଙ୍କ ସମେତ ଏକାଡେମୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ● ଫଜ୍ଜୁଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଖୁଣ୍ଟକଟା କ୍ରୀଡା ପରିଷଦ



ତିଗିରିଆ, ୯।୨(ସମିସ): ତିଗିରିଆ ବ୍ଲକ ଅଧୀନ ପଙ୍କାଳ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୭ତମ ଫଜ୍ଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଖୁଣ୍ଟକଟା କ୍ରୀଡା ପରିଷଦ ଟାଇବ୍ରେକର ସହାୟତାରେ ୫-୩ ଗୋଲରେ ଅହମ୍ମଦିୟା କ୍ଲବ କେରଙ୍ଗ (ଖୋର୍ଦ୍ଧା)କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୁଲିସ ଅଫିସର ମହମ୍ମଦ ହାଫିଜ ଓ ଆଠଗଡର ସାମାଜିକ କର୍ମୀ ମୁନା ଭକ୍ତା ପ୍ରମୁଖ ଯୋଗଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ରେଫରୀ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ମହେଶ ପ୍ରଧାନ ଓ ଅମୂଲ୍ୟ ସାମଲ ସାହାଯ୍ୟ କରିଥିଲେ । ୪ର୍ଥ ରେଫରୀ ଭାବେ ସମସୁର ଖାଁ ସହଯୋଗ କରିଥିଲେ । ଆସନ୍ତା କାଲି ଏହି ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଯୁଥ କ୍ଲବ କରଡ଼ାପଲ୍ଲୀ ସହ ପ୍ରତାପ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

